# ଆନନ୍ଦଉଲ୍ଲାସରେ ପାଳିଲେ ଭୋଗୀ, ଆଜି ପୋଙ୍ଗଲ


ତେଲୁଗୁ ସଂପ୍ରଦାୟ ପକ୍ଷରୁ ଭୋଗୀ ଉତ୍ସବ।


ପ୍ରକାଶମ ହଲରେ ଅଭିନେତା ସାଇ କୁମାରଙ୍କ ଦ୍ୱାରା ପୁରସ୍କାର ପ୍ରଦାନ।


ପାରଳାଖେମୁଣ୍ଡିରେ ଭୋଗୀ ଉତ୍ସବ।

ବ୍ରହ୍ମପୁର,୧୪।୧ (ସ୍ମୃତି ରଞ୍ଜନ ମହାଲିକ)

ତେଲୁଗୁ ସଂପ୍ରଦାୟର ଭୋଗୀ ପର୍ବ ଆନନ୍ଦ ଉଲାସର ସହ ରବିବାର ପାଳିତ ହୋଇଛି। ମହାନଗରର ଖାସ୍ବା ସାହି, କାମ୍ପ ସାହି, ବଡ ବଜାର, ସାନ ବଜାର ସମେତ ବିଭିନ୍ନ ଅଂଚଳର ତେଲୁଗୁ ଭାଷାଭାଷି ଲୋକେ ପୋଙ୍ଗଲ ପୂର୍ବ ଦିନରୁ ଏହି ଉତ୍ସବ ପାଳନ କରିଛନ୍ତି। ସମସ୍ତେ ରବିବାର ଭୋରରୁ ଏକାଠି ହୋଇ କାଠ ନିଆଁ ଜାଳିଥିଲେ। ବନ୍ଧୁ ଓ ପରିବାର ବର୍ଗ ଉପସ୍ଥିତ ରହି ନାଚ ଗୀତରେ ମସଗୁଲ ହୋଇଥିଲେ। ସଂଘ ପକ୍ଷରୁ ସଂକ୍ରାନ୍ତି ସାମ୍ରାଲୁ କମିଟି ମାଧ୍ୟମରେ ଭୋଗୀ ଉତ୍ସବ ପାଳନ ହୋଇଥିଲା। କମିଟି ପକ୍ଷରୁ ପ୍ରଥମେ ଏସଏନଟି ରୋଡ ସ୍ଥିତ ସତ୍ୟ ନାରାୟଣ ସ୍ୱାମୀ ମନ୍ଦିରରୁ ଏକ ପୂର୍ଣ୍ଣ କଳସ ଶୋଭାଯାତ୍ରା ବାହାରି ଗିରି ମାର୍କେଟ ସ୍ଥିତ ପ୍ରକାଶମ ହଲ ନିକଟରେ ପହଂଚିଥିଲା। ସେଠାରେ କୁମ୍ଭକୁ ସ୍ଥାପନ କରାଯାଇ ସଂକ୍ରାନ୍ତି ଲକ୍ଷ୍ମୀଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରେ ଉପସ୍ଥିତ ତେଲୁଗୁ ସଂପ୍ରଦାୟଙ୍କ ପକ୍ଷରୁ କାଠରେ ପ୍ରସ୍ତୁତ ଭୋଗୀରେ ନିଆଁ ଲଗାଯାଇଥିଲା। ଏହାପରେ ଗୋବ୍ବୁଲୁ ପୂଜା କରାଯାଇଥିଲା। ପରେ ନୂଆ ଚାଉଳରେ କ୍ଷିରୀ କରାଯାଇ ତେଲୁଗୁ ସଂପ୍ରଦାୟ ମଧ୍ୟରେ ବଣ୍ଟନ କରାଯାଇଥିଲା। ପରେ ପ୍ରକାଶମ ହଲ ପରିସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମ କୁମାର ପଣ୍ଡା, ବିଇଏମସି ମେୟର ସଂଘମିତ୍ରା ଦଳେଇ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୂରଲୀ ମୋହନ ଓ କର୍ପୋରେଟର ଆର ପାୱନୀଙ୍କ ସମେତ ଅନ୍ୟ କର୍ପୋରେଟର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଆକର୍ଷକ ଭାବେ ଦକ୍ଷିଣ ଭାରତ ଚଳଚ୍ଚିତ୍ରର ଅଭିନେତା ତଥା ଡାଇଲଗ କିଙ୍ଗ ସାଇ କୁମାର ଯୋଗ ଦେଇଥିଲେ।

ସଂକ୍ରାନ୍ତି ସାମ୍ରାଲୁ କମିଟି ପକ୍ଷରୁ ମୂରଲୀ ମୋହନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ଅଧ୍ୟକ୍ଷ ପି ସତ୍ୟ ନାରାୟଣ, ମୁଖ୍ୟ ସଂଯୋଜକ ରାଜନା ଶ୍ରୀନିବାସ ଓ ସଂଯୋଜକ ଟି ବାସୁଦେବ ରାଓଙ୍କ ସମେତ ବହୁ ସଦସ୍ୟ ସହଯୋଗ କରିଥିଲେ। ସୋମବାର ପୋଙ୍ଗଲ ତଥା ଓଡିଆଙ୍କ ମକର ସଂକ୍ରାନ୍ତି ଉତ୍ସବ ପାଳିତ ହେବ।

## ତେଲୁଗୁ, ଓଡ଼ିଆ ସମ୍ପ୍ରଦାୟ ମିଶି ପାଳିଲେ

ପାରଳାଖେମୁଣ୍ଡି (ଗିରିଧାରୀ ପରିଚ୍ଛା): ପାରଳାଖେମୁଣ୍ଡି ସହରରେ ତେଲୁଗୁ ଭାଷାଭାଷୀର ଲୋକେ ରହୁଥିବାରୁ ଉଭୟ ଓଡ଼ିଆ ଓ ତେଲୁଗୁ ସମ୍ପ୍ରଦାୟ ମିଶି ଭୋଗି ଉତ୍ସବ ପାଳନ କରାଯାଉଛି। ଏହି ପର୍ବକୁ ତେଲୁଗୁ ସଂପ୍ରଦାୟର ଲୋକେ ୪ ଦିନ ଧରି ପାଳନ କରିଥାନ୍ତି । ତେଲୁଗୁ ଏବଂ ଓଡିଆ ଭାଷାଭାଷୀ ଉଭୟଙ୍କ ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେଇ ମିଳିମିଶି ପାଳନ କରିଆସୁଛନ୍ତି । ମକର ଉତ୍ସବକୁ ଓଡିଆମାନେ ମକର ଚାଉଳ ଭୋଗ ଲାଗି କରି ପାଳନ କରୁଥିବା ବେଳେ ଏହାକୁ ତେଲୁଗୁ ମାନେ ମଧ୍ୟ ପାଳନ କରିଥାନ୍ତି। ପୋଙ୍ଗଲ ପର୍ବର ପ୍ରଥମ ଦିନକୁ ଭୋଗି କୁହାଯାଇଥାଏ ।ଶନିବାର ବିଳମ୍ବିତ ରାତ୍ରରେ ବଡ ବଡ କାଠଗଣ୍ଡିରେ ନିଆଁ ଲଗାଇ ଅଗ୍ନି ଦେବତାଙ୍କୁ ପୂଜାର୍ଚ୍ଚନା କରାଯାଇଥିବା ବେଳେ ଦ୍ୱିତୀୟ ଦିନରେ ପାଣ୍ଡୁକୁ ପାଳନ କରିଥାନ୍ତି ।ସେହିଭଳି ତୃତୀୟ ଓ ଚତୁର୍ଥ ଦିନ କାନୁମୁ ଓ ମୁକାନୁମୁ ପାଳନ ହୋଇଥାଏ ।

## ସଂକ୍ଷେପରେ

### ଯୁବକଙ୍କୁ ହତ୍ୟା ଉଦ୍ୟମ କରି ୨ ଗିରଫ

ବ୍ରହ୍ମପୁର, ୧୪।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଯୁବକଙ୍କୁ ସଂଘବଦ୍ଧ ଭାବେ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ନିମଖଣ୍ଡି ଥାନା ପୋଲିସ ୨ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ସମାନେ ହେଲେ ନୀଳାଞ୍ଚଳ ନଗର ୪ର୍ଥ ଲାଇନର ସୁମନ ମଲିକ (୨୪) ଓ ବଡବଜାର ଥାନା ଧର୍ମନଗରର ଗୌରୀଶଙ୍କର ସାହୁ(୨୪)। ଏହି ଘଟଣାରେ ୫ ଜଣ ଫେରାର ଥିବା ପୋଲିସ କହିଛି। ଉଭୟ ଅଭିଯୁକ୍ତଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଛି। ସେଲ୍ସ ରିପ୍ରେଜେଣ୍ଟେଟିଭ ତପନ କୁମାର ରଥ ନୀଳାଞ୍ଚଳ ନଗର ୬ଷ୍ଠ ଲାଇନରେ ଏକ ଭଡାଘରେ ରହୁଥିଲେ। ଗତ ଶୁକ୍ରବାର ରାତିରେ ସେ ଘରେ ଭୋଜନ କରୁଥିଲେ। ଘରର ଗ୍ରୀଲ ଖୋଲି କେତେକ ଯୁବକ ପଶି ଜବରଦସ୍ତ ଆସବାବପତ୍ର ଭଙ୍ଗାରୁଜା କରିଥିଲେ। ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ତାଙ୍କୁ ଏକ ଛୁରିରେ ମରଣାନ୍ତକ ଆକ୍ରମଣ କରିଥିଲେ। ପରେ ସେ ପିନ୍ଧିଥିବା ଏକ ସୁନା ଚେନ ଲୁଟି ନେଇ ଚମ୍ପଟ ମାରିଥିଲେ। ପୋଲିସ ତପନଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲା। ପରେ ସେ ଏନେଇ ଅଭିଯୋଗ କରିଥିଲେ।

### ନଦୀରେ ବୁଡ଼ି ମହିଳା ମୃତ

ପାତ୍ରପୁର,୧୪।୧(ଉମାଚରଣ ନେପାକ)

ଜରଡ଼ା ଥାନା ଖାରିଆଗୁଡ଼ା ଫାଣ୍ଡି ଡୁରୁବୁଡି ଗ୍ରାମର ରମେଶ ଶବରଙ୍କ ସ୍ତ୍ରୀ କସ୍ତୁରୀଙ୍କ ରବିବାର ଅପରାହ୍ନରେ ବାହୁଦା ନଦୀରେ ବୁଡ଼ି ମୃତ୍ୟୁ ଘଟିଛି। କସ୍ତୁରୀ ନଦୀରେ ସ୍ନାନ କଲାବେଳେ ପାଣିରେ ହଠାତ୍ ତାଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ସେ ପାଣିରେ ବୁଡ଼ିଯାଇଥିଲେ। ନଦୀରୁ କେତେଜଣ ତାଙ୍କୁ ଉଦ୍ଧାର କରିଥିଲେ । ହେଲେ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

### ଟ୍ରକ୍ ଧକ୍କାରେ ମହିଳାଙ୍କ ମୃତ୍ୟୁ

ଆସିକା,୧୪।୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ରହ୍ମପୁର ୫୯ନଂ ଜାତୀୟ ରଜପଥର ପାଟଲିଗୁଡା ଛକ ନିକଟରେ ରବିବାର ସନ୍ଧ୍ୟାରେ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ପଦ୍ମଚରଣ ତ୍ରିପାଠୀଙ୍କ ସ୍ତ୍ରୀ ରଞ୍ଜିତା କୁମାରୀ ମହାପାତ୍ର (୩୮) ଓ ତାଙ୍କର ଘର ଭଞ୍ଜନଗର ଜଗନ୍ନାଥ ବିହାର ୩ୟ ଲାଇନରେ ବୋଲି ଜଣାପଡ଼ିଛି । ଦୁର୍ଘଟଣାରେ ତାଙ୍କର ୭ ବର୍ଷର ଝିଅ ଚିତ୍ରଲେଖା ମଧ୍ୟ ଆହତ ହୋଇ ଆସିକା ସରକାରୀ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି । ରଞ୍ଜିତା ଓ ପଦ୍ମଚରଣଙ୍କ ସହ ଏକ ବାଇକରେ ବ୍ରହ୍ମପୁରରୁ ଭଞ୍ଜନଗର ଫେରୁଥିଲା ବେଳେ ଗୋଟିଏ ଟ୍ରକ ତାଙ୍କ ବାଇକକୁ ଧକ୍କା ଦେଇଥିଲା । ଫଳରେ ରଞ୍ଜିତା ବାଇକରୁ ଖସିପଡି ଟ୍ରକ ଚକା ତଳେ ପଡିଯାଇଥିଲେ । ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି ।

### ସାଇବର ଠକେଇ ପ୍ରତି ସତର୍କ ରୁହ :ଭିଏଚ୍‌ପି

ବ୍ରହ୍ମପୁର , ୧୪।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଉତ୍ତରପ୍ରଦେଶର ଅଯୋଧ୍ୟା ଠାରେ ନିର୍ମିତ ରାମ ମନ୍ଦିରର ଆସନ୍ତା ୨୨ ତାରିଖ ପ୍ରତିଷ୍ଠା ହେବ। ସେହି ସମୟରେ ସେଠାରେ ଦେଶ ବିଦେଶରୁ ବହୁ ଭିଭିଆଇପିଙ୍କ ସମାବେଶ ଘଟିବ। ଏହି ପରିପ୍ରେକ୍ଷୀରେ ଶ୍ରଦ୍ଧାଳୁଙ୍କୁ ଅନଲାଇନରେ ଲୁଟିବାକୁ ଅଦୃଶ୍ୟ ଗ୍ୟାଙ୍ଗ ବର୍ତ୍ତମାନ ସକ୍ରିୟ ହୋଇପଡିଥିବା ଗୁଇନ୍ଦା ବିଭାଗ କହିଛି। ମନ୍ଦିର ନାଁରେ ଶ୍ରଦ୍ଧାଳୁଙ୍କଠାରୁ ଚାନ୍ଦା ଆଦାୟ କରିବାକୁ ସାଇବର ଠକ ମାନେ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିସାରିଲେଣି। ଏଣୁ ଜନସାଧାରଣ ଏ ଦିଗରେ ବେଶ ସତର୍କ ରହିବା ସହ ଅନଲାଇନରେ ଆସୁଥିବା ଏଭଳି ଆପ୍ ଠାରୁ ଦୂରେଇ ରହିବାକୁ ସଚେତନ କରାଯାଉଛି। ସାଇବର ଠକ ଗ୍ୟାଙ୍ଗ ସାମାଜିକ ଗଣମାଧ୍ୟମକୁ ମୁଖ୍ୟ ଅସ୍ତ୍ର କରି ଶ୍ରଦ୍ଧାଳୁଙ୍କ ନିକଟରୁ ଅନୁଦାନ ଆଦାୟ ପାଇଁ ଯୋଜନା କରୁଛନ୍ତି। ଏଣୁ ସେମାନଙ୍କ ଦ୍ୱାରା ପଠାଯାଉଥିବା ବିଭିନ୍ନ ଆପରେ କ୍ୟୁଆର କୋଡ଼, ସ୍କାନ- ଆଣ୍ଡ -ପେ ବ୍ୟବସ୍ଥା କରିଛନ୍ତି। ଠକ ଗ୍ୟାଙ୍ଗ ଶ୍ରଦ୍ଧାଳୁଙ୍କ ଧାର୍ମିକ ଭାବନାକୁ ଅସ୍ତ୍ର କରି ଟଙ୍କା ଦାନ କରୁଥିବା ବ୍ୟକ୍ତିଙ୍କ ଟଙ୍କା ଠକ ଗ୍ୟାଙ୍ଗ ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରି ନେଇଯାଉଛନ୍ତି। ଏନେଇ ବିଶ୍ୱ ହିନ୍ଦୁ ପରିଷଦ(ଭିଏଚ୍‌ପି)ର ଗଞ୍ଜାମ ବିଭାଗ ସମ୍ପାଦକ ଅରୁଣ ପ୍ରସାଦ ପାଢ଼ୀ କହିଛନ୍ତି। ଏଭଳି ସୂଚନା ପାଉଥିବା ଲୋକେ ତୁରନ୍ତ ଏସପି ଓ ଆଇଜିଙ୍କୁ ସୂଚିତ କରିବା ପାଇଁ ନିବେଦନ କରିଛନ୍ତି। ମନ୍ଦିର ପାଇଁ ଚାନ୍ଦା ଆଦାୟ କରିବାକୁ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟ ପକ୍ଷରୁ କୌଣସି ବ୍ୟକ୍ତି କିମ୍ବା ସଂଗଠନକୁ ଅନୁମତି ଦିଆଯାଇନଥିବା ସେ କହିଛନ୍ତି।

# ଆଞ୍ଚଳିକ କଳିଙ୍ଗ ହର୍ବାଲ ମେଳା ଉଦ୍‌ଯାପିତ


ଅତିଥିମାନେ ଟିମ ହ୍ୟୁମାନିଟିକୁ ସମ୍ବର୍ଦ୍ଧିତ କରୁଛନ୍ତି।

ଫୁଲବାଣୀ, ୧୪।୧(ରାକେଶ କୁମାର ରାଉତ)

ଫୁଲବାଣୀ କରୋନେସନ ପଡ଼ିଆରେ ଚାଲିଥିବା କଳିଙ୍ଗ ହର୍ବାଲ ମେଳା ରବିବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସମ୍ମାନିତ ଅତିଥି ଭାବେ ଜିଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ ପାତ୍ର, ଜିଲା ବନଖଣ୍ଡ ଅଧିକାରୀ ପ୍ରଶାନ୍ତ ପଟେଲ ଯୋଗଦେଇ ଏହି ମେଳାର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସେହିପରି ଔଷଧୀୟ ବୃକ୍ଷର ଉପାଦେୟତା, ଜନମାନସରୁ ଅପସରୀ ଯାଉଥିବା ବିଭିନ୍ନ ଉପକାରୀ ଗଛକୁ ବଞ୍ଚାଇ କିପରି ନିଜେ ସୁରକ୍ଷିତ ରହିବା ତଥା ବୃକ୍ଷରୋପଣ ଉପରେ ସମସ୍ତଙ୍କୁ ସଚେତନ କରିଥିଲେ। ଆୟୁର୍ବେଦ ଔଷଧ ସେବନ ଓ ଉପକାରିତା ଉପରେ ଉପସ୍ଥିତ ଲୋକଙ୍କୁ ମଧ ଅବଗତ କରିଥିଲେ। ଏହି ମେଳାରେ ୫୦ରୁ ଉର୍ଦ୍ଧ ଷ୍ଟଲରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବୈଦ୍ୟମାନେ ଆସି ନିଜ ନିଜର ଔଷଧ ଷ୍ଟଲରେ ରଖି ଲୋକଙ୍କ ଉପଚାର କରୁଥିବା ଦେଖିବାକୁ ମିଳିଥିଲା। ବନ ବିଭାଗ ପକ୍ଷରୁ ଟିମ ହ୍ୟୁମାନୀଟିକୁ ପୁରସ୍କୃତ କରାଯାଇଥିଲା। ଶେଷରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୁଇ ଗୀତ ଏବଂ ସାଗତ ସଙ୍ଗୀତ ଲୋକଙ୍କୁ ଆକୃଷ୍ଟ କରିଥିଲା। ପରେ ପରେ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଗୁଣି ସନ୍ଦେହରେ ଗଣ୍ଡଗୋଳ

### କାଠଫାଳିଆ ଆକ୍ରମଣରେ ୩ ଆହତ

ବୁଗୁଡ଼ା,୧୪।୧(କାଳିଚରଣ ଦାଶ)

ବୁଗୁଡ଼ା ଥାନା ମୋଟାବାଡ଼ି ଗାଁରେ ଗୁଣି ସନ୍ଦେହରେ ପାରିବାରିକ ଗଣ୍ଡଗୋଳ ଘଟି କାଠଫାଳିଆ ମାଡ଼ରେ ୩ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ରାଧାମୋହନ ବେହେରା, କସ୍ତୁରୀ ବେହେରା, ରସ୍ମିତା ବେହେରା। ରାଧାମୋହନଙ୍କ ବଡ଼ଭାଇଙ୍କ ଝିଅ ଗର୍ଭବତୀ ଥିବାବେଳେ ତାଙ୍କ ଛୁଆ ନଷ୍ଟ ହୋଇଯାଇଥିଲା। ଏଥିପାଇଁ ରାଧାମୋହନଙ୍କ ଭାଉଜ ରସମଞ୍ଜରୀ ବେହେରା, ପୁତୁରା ସତ୍ୟନାରାୟଣ ଓ ଝିଆରୀ କଇଁ ଗୁଣିଗାରେଡ଼ି ହୋଇଥିବା ନେଇ ରାଧାମୋହନଙ୍କ ସମେତ ତାଙ୍କ ସ୍ତ୍ରୀ ଓ ବୋହୂଙ୍କୁ ସନ୍ଦେହ କରିବାରୁ ଉଭୟ ପରିବାରରେ ଗଣ୍ଡଗୋଳ ହାଇଥିଲା। ପରେ ରାଧାମୋହନଙ୍କ ପରିବାରର ତିନିଜଣଙ୍କୁ ତାଙ୍କ ବଡ଼ଭାଇଙ୍କ ପରିବାରର ତିନିଜଣ ମିଶି କାଠଫାଳିଆରେ ଆକ୍ରମଣ କରିଥିଲେ। ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ଶୁଭେନ୍ଦୁ


@ ସୀତାଂଶୁ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଧୂ ହତ୍ୟା ମାମଲାରେ ଫେରାର ଶାଶୁ, ଶ୍ୱଶୁର ଗିରଫ

ଗୋପାଳପୁର,୧୪।୧ (ନବୀନ ରାଜ ଆଚାରୀ)

ଏକ ବଧୂହତ୍ୟା ଘଟଣାର ୧୦ ମାସ ପରେ ପୋଲିସ ରବିବାର ଫେରାର ଶାଶୁ ଶଶୁରଙ୍କୁ ଗିରଫ କରିଛି। ସେମାନେ ହେଲେ ଜୁଗୁଡ଼ି ଗ୍ରାମର ପ୍ରକାଶ ଗୌଡ଼ ଓ ତାଙ୍କ ସ୍ତ୍ରୀ ଝିଆମା ଗୌଡ଼ ବୋଲି ଗୋଳନ୍ଥରା ଥାନା ପୋଲିସ କହିଛି। ୨୦୨୨ରେ ଦିଗପହଣ୍ଡି ଥାନା ନରସିଂହପୁର ଗ୍ରାମର ବିସା ଗୌଡ଼ଙ୍କ ଝିଅ ସାବିତ୍ରୀଙ୍କ ସହ ଜୁଗୁଡି ଗ୍ରାମର ସଂଗ୍ରାମ ଗୌଡ଼ଙ୍କ ବୈଦିକ ରୀତିରେ ବିବାହ ହୋଇଥିଲା। କିଛି ଦିନ ପରେ ଶାଶୁ ଝିଆମା ସାବିତ୍ରୀଙ୍କୁ ଯୌତୁକ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଗତ ବର୍ଷ ମାର୍ଚ୍ଚ ୧୧ ତାରିଖ ସନ୍ଧ୍ୟାରେ ଶାଶୁ ଘର ଲୋକେ ସାବିତ୍ରୀଙ୍କୁ ତଣ୍ଟି ଚିପି ମାରିଦେଇଥିବା ନେଇ ଥାନାକୁ କେତେକ ପଡୋଶୀ ଖବର ଦେଇଥିଲେ। ଗୋଳନ୍ଥରା ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ସାବିତ୍ରୀଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସାବିତ୍ରୀଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ସାବିତ୍ରୀଙ୍କ ବାପା ବିସା ତାଙ୍କ ଝିଅଙ୍କୁ ଶଶୁର ଘର ଲୋକେ ପିଟି ମାରିଦେଇଥିବା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ରୁଜୁ କରି ସ୍ୱାମୀ ସଂଗ୍ରାମ ଗୌଡ ଓ ଦିଅର ଶରତ ଗୌଡ଼ଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଥିଲା। କିନ୍ତୁ ଶାଶୁ ଶଶୁର ଫେରାର ଥିଲେ। ଜୁଗୁଡ଼ି ଗ୍ରାମରେ ଶାଶୁଶଶୁର ଥିବା ଖବର ପାଇ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ମହନ୍ତଙ୍କ ନେତୃତ୍ୱରେ ଏକ ଟିମ ସେଠାରେ ଚଢ଼ଉ କରି ପ୍ରକାଶ ଓ ଝିଆମାଙ୍କୁ କାବୁ କରିଥିଲେ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି।

# ଫକୀର ମୋହନ ଥିଲେ ଯୁଗାନ୍ତକାରୀ ସାହିତ୍ୟିକ

ବ୍ରହ୍ମପୁର,୧୪।୧(ସ୍ମୃତି ରଞ୍ଜନ ମହାଲିକ୍)

ପୂଜ୍ୟପୂଜା ସମିତି ପକ୍ଷରୁ ବିଜିପୁର କମ୍ୟୁନିଟି ହଲଠାରେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ୧୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଓଡିଶା ନବଜାଗରଣର ଅନ୍ୟତମ ଅଭିବ୍ୟକ୍ତି ଫକୀର ମୋହନଙ୍କ ରଚିତ ଗଳ୍ପ, ଉପନ୍ୟାସ, କବିତା ଆଦି ଏହି ଉନ୍ନତ ଚିନ୍ତାଧାରା ଓ ପ୍ରଗତିଶୀଳ ସାହିତ୍ୟର ବାର୍ତ୍ତାବହ। ଆଜି ଫକୀରମୋହନଙ୍କ ସାହିତ୍ୟର ପ୍ରାୟତଃ ଏକ ଶତାବ୍ଦୀରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ ସମାଜରେ ସେହି ସାମନ୍ତବାଦୀମାନେ ଅନ୍ଧତା, କୁସଂସ୍କାର, ଅନ୍ଧଧାର୍ମିକତା, ନାରୀ ନିର୍ଯାତନା, ମଦ୍ୟପାନ ଓ ବାବାମାନଙ୍କ ପ୍ରତି ଆକର୍ଷଣ ମଣିଷକୁ ପଛକୁ ଟାଣୁଛି। ଅନ୍ୟପଟେ ଏହି ଅନ୍ଧତା ଗୁଡିକୁ ସୁଚତୁର ଭାବେ ପ୍ରଚାର ମଧ କରାଯାଉଛି। ଶୋଷଣ ଏବଂ ଅତ୍ୟାଚାର ବୃଦ୍ଧି ପାଉଛି। ସାମାଜିକ ଦାୟିତ୍ୱହୀନତା, ସ୍ୱାର୍ଥପରତା, ଆତ୍ମକୈନ୍ଦ୍ରିକତା, ଅପସଂସ୍କୃତି ଓ ମଦମାଦକତା ଶିକ୍ଷିତ ଯୁବ ଛାତ୍ରଙ୍କୁ ଧ୍ୱଂସ କରୁଛି। ଏଭଳି ସ୍ଥିତିରେ ଆଜି ବି ଫକୀରମୋହନ ସାହିତ୍ୟ ଚର୍ଚ୍ଚାର ପ୍ରାସଙ୍ଗିକତା ରହିଛି ବୋଲି ଆୟୋଜିତ ସ୍ମୃତି ସଭାରେ ମତ ପ୍ରକାଶ ପାଇଛି। ସମିତି ସଭାପତି ବଂଶୀଧର ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ଏସ. ସାମ୍ବଶିବା ରାଓ, ମାନବ ଅଧିକାର ସୁରକ୍ଷା ମଞ୍ଚର ସମ୍ପାଦକ ସୁବାଷ ଚନ୍ଦ୍ର ମିଶ୍ର, କବିରାଜ ସାହୁ, ରାମଚନ୍ଦ୍ର ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।



ସଭାରେ ଉପସ୍ଥିତ ସମିତିର ସଦସ୍ୟ ବୃନ୍ଦ।

# ଛତ୍ରପୁର ମହୋତ୍ସବ ଉଦ୍‌ଘାଟିତ




ମହୋତ୍ସବର ଉଦ୍‌ଘାଟନୀ ଦିବସରେ କଳାକାରମାନେ ଯୋଡ଼ିଶଙ୍ଖ ପ୍ରଦର୍ଶନ କରୁଛନ୍ତି। ମଞ୍ଚରେ ଗାୟକ ହ୍ୟୁମାନ ସାଗର ସଂଗୀତ ପରିବେଷଣ କରୁଛନ୍ତି।

ଛତ୍ରପୁର,୧୪।୧
(ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର ଠାରେ ଛତ୍ରପୁର ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା ରବିବାର ଉଦ୍‌ଘାଟିତ ହୋଇଛି। ଏହା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ଶେଖର ସାହୁ ଓ ଆସିକା ଏମପି ପ୍ରମିଳା ବିଷୋୟୀ ଯୋଗଦେଇଛନ୍ତି। ରାଜ୍ୟ ଯୋଜନା ବୋର୍ଡ ସଭ୍ୟ ଡଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ବିଧାୟକ ସୁବାଷ ଚନ୍ଦ୍ର ବେହେରା, ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବିଧାୟିକା ଲତିକା ପ୍ରଧାନ, ବିଧାୟକ ବିକ୍ରମ କୁମାର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷା ଏସ୍ ରାଜେଶ୍ୱରି ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଗଞ୍ଜାମ ଏସପି ଜଗମୋହନ ମୀନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଭି କୀର୍ତ୍ତି ଭାସନ, ଜିଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ରାଧାକୃଷ୍ଣ ରାମ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପଲ୍ଲିଶ୍ରୀ ମେଳାରେ ସମୁଦାୟ ୫୦ଟି ଷ୍ଟଲରେ ବିକ୍ରିବଟା ଚାଲିଛି ।୪୦ଟି ଷ୍ଟଲ ମିଶନ ଶକ୍ତି ଦ୍ୱାରା ପ୍ରସ୍ତୁତ ଗ୍ରାମ୍ୟ ସାମଗ୍ରୀ ବିକ୍ରିବଟା ଏବଂ ୧୦ଟି ଷ୍ଟଲରେ ଫୁଡ ଷ୍ଟଲ ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ଗଞ୍ଜାମ ଜିଲାର ଲୋକକଳା କଳାକାରମାନଙ୍କ ଦ୍ୱାରା ଲୋକକଳା ପ୍ରଦର୍ଶନୀ ସହିତ ସ୍ଥାନୀୟ କଳାକାର, ବଲିଉଡ ଓ ଓଲିଉଡ କଳାକାରଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ । ପ୍ରଥମ ଦିନରେ ସ୍ଥାନୀୟ କଳାକାର ସମେତ ଓଲିଉଡ କଳାକାର ହ୍ୟୁମାନ ସାଗରଙ୍କ ଦଳ କାର୍ଯ୍ୟକ୍ରମ ପରିବେଷଣ କରିଛନ୍ତି। ୧୫ ତାରିଖ ଦିନ ସ୍ଥାନୀୟ କଳାକାରଙ୍କ ସମେତ ଓଲିଉଡ କଳାକାର ଶଶାଙ୍କ ଶେଖର, ଅନ୍ତରା ଚକ୍ରବର୍ତ୍ତି, ସୌରିନ, ଶିଲ୍ପୀ, ପ୍ରିନସ ଡ୍ୟାନ୍ସ ଦଳ କାର୍ଯ୍ୟକ୍ରମ ପରିବେଷଣ କରିବେ।

ସେହିପରି ୧୬ ତାରିଖ ଦିନ ସ୍ଥାନୀୟ କଳାକାରଙ୍କ କଳା ପ୍ରଦର୍ଶନୀ ସହିତ ତାରିକ ଆଜିଜ, ନ୍ୟାଯା ଜାଇତି (ତେଲୁଗୁ ଓଡିଆ) ସତ୍ୟ ବାବୁ (ତେଲୁଗୁ) ଇତ୍ୟାଦି ସେମାନଙ୍କ କାର୍ଯ୍ୟକ୍ରମ ପରିବେଷଣ କରିବାର ଯୋଜନା ରହିଛି ।

